# ଅଙ୍ଗନୱାଡି କର୍ମୀଙ୍କୁ ତାଲିମ



ତାଲିମରେ ଭାଗ ନେଇଥିବା ଅଙ୍ଗନୱାଡି କର୍ମୀ ।

ବ୍ରହ୍ମପୁର ଅଫିସ, ୧୭।୨-ୟୁଥ ଫର୍ ସୋସିଆଲ ଡେଭଲପମେଣ୍ଟ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଗଞ୍ଜାମ କଳା ପରିଷଦରେ ଅଙ୍ଗନୱାଡି କର୍ମୀଙ୍କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସିଡିପିଓ ଶୁଭଶ୍ରୀ ପାତ୍ର, ବିଧୁପ୍ରଭା ରଥ, ଅନୁଷ୍ଠାନର ନିର୍ଦ୍ଦେଶକ ବିଭୁପ୍ରସାଦ ସାହୁ ପ୍ରମୁଖ ଭାଷଣ ଦେଇ ଅଙ୍ଗନୱାଡି କର୍ମୀଙ୍କ ପାଇଁ ଥିବା ସରକାରୀ ନିର୍ଦ୍ଦେଶାବଳୀ ଏବଂ ସୁପ୍ରିମ କୋର୍ଟଙ୍କ ଆଦେଶ ସମ୍ପର୍କରେ ଅବଗତ କରାଇ ଥିଲେ । ଏହାସହ ଅଙ୍ଗନୱାଡି କର୍ମୀମାନେ କର୍ତ୍ତବ୍ୟ ପାଳନ ବେଳେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ କିଭଳି ରକ୍ଷା କରିବେ ସେନେଇ ଅବଗତ କରାଯାଇ ଥିଲା । ସେହିପରି ବସ୍ତି ବାସିନ୍ଦାଙ୍କ ପାଇଁ ସେବା ଯୋଗାଇବା, ସୂଚନା ଅଧିକାର ଆଇନ ଉପରେ କର୍ମଶାଳାରେ ତର୍ଜମା କରା ଯାଇଥିଲା ।

# ଅଙ୍ଗନୱାଡ଼ି କର୍ମୀଙ୍କ ତାଲିମ୍ କାର୍ଯ୍ୟକ୍ରମ



ବ୍ରହ୍ମପୁର, ୧୭।୨ (ଅନୁପମ ମିଡ଼ିଆ): ଗଞ୍ଜାମ କଳା ପରିଷଦ ଠାରେ ଶକ୍ରବାର ଅଙ୍ଗନୱାଡ଼ି କର୍ମୀ ମାନଙ୍କ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବସ୍ତି ବାସିନ୍ଦାଙ୍କର ସେମାନଙ୍କ ପ୍ରତି ଥିବା ଅଭିଯୋଗ ଶୁଣିବା ତଥା ସେବା ପ୍ରଦାନ କ୍ଷେତ୍ରରେ ଥିବା ସମସ୍ୟା ଗୁଡ଼ିକୁ ଆଲୋଚନା କରିବା ପାଇଁ ଏଠାରେ କର୍ମୀ ମାନଙ୍କୁ ସଚେତନ କରାଯାଇଥିଲା । ଏହି ଅବସରରେ ସିଡ଼ିପିଓ ବିଧୁପ୍ରଭା ରଥ, ଶୁଭଶ୍ରୀ ପାତ୍ର ଓ ବିଭୁ ପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏଥିରେ ବହୁ ଅଙ୍ଗନୱାଡ଼ି କର୍ମୀ ଯୋଗ ଦେଇଥିଲେ ।